**ସଂକ୍ଷେପରେ**

## ଗୁଡ଼ ବୃଦ୍ଧାଶ୍ରମରେ ଅନ୍ତେବାସିନୀଙ୍କ ମୃତ୍ୟୁ

ସୋର, ୨୮।୧୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଗୁଡ ପଞ୍ଚାୟତ ଗୁଡ଼ ନିରାଶ୍ରୟ ବୃଦ୍ଧାଶ୍ରମରେ ଅନ୍ତେବାସିନୀଙ୍କ ମୃତ୍ୟୁ ହୋଇଛି। ତାଙ୍କର ଅନ୍ତିମ ସଂସ୍କାର ସହ ଶୁଦ୍ଧିକ୍ରିୟା ପୂଜ୍ୟପୂଜା ସଂସଦର ସଦସ୍ୟମାନେ କରିଛନ୍ତି। ଆଶ୍ରମରେ ରହୁଥିବା ବୃଦ୍ଧା ମା’ କ୍ଷମାଙ୍କରୀ ଦାଶମହାପାତ୍ରଙ୍କ ମୃତ୍ୟୁ ପରେ ଶବ ସତ୍କାର କରିବା ସହିତ ଶୁଦ୍ଧିକ୍ରିୟା ସଂସଦ ତରଫରୁ କରାଯାଇଛି। ଅନ୍ତେବାସିନୀଙ୍କ ମୃତ୍ୟୁ ଖବରପାଇ ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନ ସଭାପତି ଅକ୍ଷୟ କୁମାର କର ଓ ସମ୍ପାଦକ ଅଜୟ କୁମାର ଦାସ ୧୦/୧୨ଜଣ ସ୍ୱେଚ୍ଛାସେବୀମାନଙ୍କୁ ନେଇ ବୃଦ୍ଧାଶ୍ରମରେ ପହଞ୍ଚି କ୍ଷମାଙ୍କରୀ ମା’ଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଅନ୍ତିମ ସଂସ୍କାର ବେଳେ ସଙ୍ଗଠନ ସମ୍ପାଦକ ଅଜୟ କୁମାର ଦାସ ମୁଖାଗ୍ନି ଦେଇଥିଲେ। ସଂସଦର ସମସ୍ତ ସଦସ୍ୟା ସଦସ୍ୟମାନେ ସହଯୋଗ କରିଥିଲେ।

## ତେନ୍ତୁଳି ଗଛରୁ ଝରୁଛି ଖିର

ବାଲେଶ୍ୱର, ୨୮।୧୧ (ମାନସ ବିଶ୍ୱାଳ)

ନିମ୍ବ, ବର ଓ ଅଶ୍ୱତଥ୍ ଗଛରୁ କ୍ଷୀର ଝରୁଥିବା ଶୁଣିଥିବେ। ହେଲେ ତେନ୍ତୁଳି ଗଛରୁ କ୍ଷୀର ଝରୁଥିବା ଶୁଣି ଆଶ୍ଚର୍ଯ୍ୟ ଲାଗିବ। ବାଲେଶ୍ୱର ସହରର ଏଡ଼ିଏମ୍ ଛକରେ ଥିବା ତେନ୍ତୁଳି ଗଛରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଏହାକୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଗହଳି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ଯୋଡ଼ା,୨୮।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବିଲେଇପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତ୍ରୟୋବିଂଶ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ପରିଷଦ ସମ୍ପାଦକ ଗୋପୀନାଥ ଗୋପ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗତବର୍ଷର ଚାମ୍ପିୟନ ଛାତ୍ର ପ୍ରିୟ ରଞ୍ଜନ ନାଏକ ଶପଥ ପାଠ କରାଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଶିଶୁ ଭଉଣୀଭାଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଲେଇପଦା ପୂର୍ବତନ ସରପଞ୍ଚ ଶୁକଲାଲ ମୁଣ୍ଡା, ଛାତ୍ର ପ୍ରଗତିର ସମ୍ପାଦକ ବୀର ସିଂ ମୁଣ୍ଡା, ବଳବନ୍ତ ବେହେରା, ରଞ୍ଜିତ ବାରିକ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଗୁରୁମା ରୀନା ମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ।

## ‘କାହାଣୀ ପରି ଆକର୍ଷଣ କରେ କବିତା’

ଭଦ୍ରକ, ୨୮।୧୧(ସନାତନ ରାଉତ)

କବିତା ହେଉଛି ଏକ ଅନୁଭବର ପ୍ରକାଶ ଯାହା କବିର ଆଭ୍ୟନ୍ତରୀଣ ଓ ବ୍ୟକ୍ତିଗତ ବୋଲି ସମସ୍ତେ ବିଶ୍ୱାସ କରନ୍ତି। କାହାଣୀ ପରି କବିତା ଆକର୍ଷଣ କରେ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଆୟୋଜିତ କବି ରାଜକିଶୋର ସାହୁଙ୍କ ଓଡ଼ିଆ କବିତା ସଂକଳନ ‘ଭିନ୍ନ ଏକ ଆକାଶ’ ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସମାରୋହରେ କବି କରୁଣାକର ବେହୁରିଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଡ. ଗୋଲକ ବିହାରୀ ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଡ. ଅବନୀ ପ୍ରଧାନ, ଅଜୟ କୁମାର ନାୟକ, କବି ନରେଶ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ଅଭୟ କୁମାର ଦାସ କବିତାକୁ ସମୀକ୍ଷା କରିଥିବା ବେଳେ ସଂସଦର ଯୁଗ୍ମ ସମ୍ପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରାକ୍ ସୂଚନା, ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ ସୁଧାକର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଡ. ରାଧାବିନୋଦ ନାୟକ, ଡା. ହରେକୃଷ୍ଣ ନାୟକ, ଡା. ପ୍ରଦୀପ କୁମାର ନାୟକ, କବି ଦୀନବନ୍ଧୁ ପତି, ନାଟ୍ୟକାର ବିଜୟ କୁମାର ଦାସ, କିଶୋର ପାଣିଗ୍ରାହୀ, ରତିକାନ୍ତ ବେହେରା, ଶ୍ରୀକାନ୍ତ ଜେନା, ବାବୁଲାଲ ଦାସ, ଶାନ୍ତନୁ କୁମାର ରାଉତ, ହରିଶ ଚନ୍ଦ୍ର ଦାସ, ଅଧ୍ୟାପକ ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅମଳ ବେଳେ ଉଜାଡ଼ୁଛନ୍ତି ହାତୀପଲ

■ କ୍ଷେତରେ ପଶି ଧାନ ଖାଇଲେ, ନଷ୍ଟ କଲେ
■ ରାତି ଅନିଦ୍ରା ଲୋକେ

ଢେଙ୍କିକୋଟ, ୨୮।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ୍‌ର ଦେଓବନ୍ଧ ଫରେଷ୍ଟ ସେକ୍ସନ ସାନ୍ତରାପୁର ପଞ୍ଚାୟତର ଛଟିଆ ଗ୍ରାମ ହୁଡ଼ି ସାହିରେ ସୋମବାର ସନ୍ଧ୍ୟାଠାରୁ ରାତି ୪ଟା ପର୍ଯ୍ୟନ୍ତ ହାତୀପଲ ଗ୍ରାମବାସୀଙ୍କ କ୍ଷେତରେ ପଶି ପାଚିଲା ଧାନ ଖାଇବା ସହ ମାଡ଼ି ଚକଟି ନଷ୍ଟ କରିଛନ୍ତି। ହାତୀ ଘଉଡ଼ାଇବା ପାଇଁ ଗ୍ରାମବାସୀ ରାତିସାରା ଅନିଦ୍ରା ହୋଇଛନ୍ତି। ସନ୍ଧ୍ୟା ୬ଟା ବେଳୁ ଜଙ୍ଗଲରୁ ୪ ହାତୀ ବାହାରି ଛଟିଆ ହୁଡ଼ିସାହିକୁ ଲାଗି ରହିଥିବା ଅନାଦି ସିଂହ, ବୃନ୍ଦାବନ ନାୟକ, ଦ୍ରୌପଦୀ ନାୟକ, ଗୋହ୍ଲା ମୁଣ୍ଡା ଏବଂ ଲୁଙ୍ଗୁରା ମୁଣ୍ଡାଙ୍କ ଧାନ କ୍ଷେତରେ ପଶିଥିଲେ। ଘଉଡ଼ାଇବା ପାଇଁ ପାଟି କଲେ ଦଳରେ ଥିବା ଦନ୍ତା ହାତୀ ଲୋକଙ୍କୁ ମାରିବା ପାଇଁ ଘଉଡ଼ାଇଥିଲା। ଫଳରେ ଲୋକେ ଭୟଭୀତ ହୋଇ ଚୁପ୍ ରହିଥିଲେ। ଭୋର ୪ଟା ବେଳେ ହାତୀପଲ ନିକଟ ସଂରକ୍ଷିତ ବାରବାଙ୍କ ଜଙ୍ଗଲକୁ ଯିବାରୁ ଲୋକେ ଘରକୁ ଫେରିଥିଲେ। ହାତୀପଲରେ ଗୋଟିଏ ଦନ୍ତା ହାତୀ, ଦୁଇଟି ମାଈ ହାତୀ ଏବଂ ଛୁଆ ହାତୀ ଥିଲା। ନରଣପୁର ଜଙ୍ଗଲରୁ ହାତୀପଲଙ୍କଠାରୁ ଅଲଗା ହୋଇ ସଂରକ୍ଷିତ ଜଙ୍ଗଲ ବାରବାଙ୍କ ଆଡ଼କୁ ଚାଲିଯାଇଛନ୍ତି।

ଗରିବ ଆଦିବାସୀ ଚାଷୀମାନେ ଧାର କରଜ କରି ବହୁ କଷ୍ଟରେ କ୍ଷେତରେ ଧାନ ଚାଷ କରିଛନ୍ତି। ଅମଳ ସମୟରେ ସେସବୁକୁ ହାତୀପଲ ଖାଇ ଚାଷୀ ପରିବାରଙ୍କ ବର୍ଷକର ଆହାର ନଷ୍ଟ କରିଦେଉଛନ୍ତି। ଫଳରେ ଗରିବ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସୁଛନ୍ତି। ଏ ସମ୍ପର୍କରେ ଦେଓବନ୍ଧ ଫରେଷ୍ଟର ରାମଚନ୍ଦ୍ର ନାଏକ କହିଛନ୍ତି, ଚାଷୀମାନଙ୍କ କେତେ ଜମିର ଫସଲ ହାତୀପଲ ଖାଇ ନଷ୍ଟ କରିଛନ୍ତି, ସେନେଇ ଲିଖିତ ଭାବେ ଜଣାଇଲେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ। ଚାଷୀ କୌଣସି ପ୍ରକାର କ୍ଷତି ସହିବେ ନାହିଁ। ଏଣୁ ସେମାନେ ଲିଖିତ ଅଭିଯୋଗ କଲେ, ତଦନ୍ତ କରି ରିପୋର୍ଟ ପଠାଯିବ।

# ଦୋଷୀଙ୍କୁ ୨୦ବର୍ଷ ଜେଲ

**ନାବାଳିକା ଅପହରଣ, ବଳାତ୍କାର ମାମଲା**

ବାରିପଦା,୨୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାରକରି ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୩ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ସାତପଉଟିଆ ଅଞ୍ଚଳର ଚନ୍ଦନ ସିଂ(୨୫)। ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ମାଉସୀଘରକୁ ବୁଲିବାକୁ ଯାଇଥିଲେ। ୨୦୧୮ ଜୁନ୍ ୨୭ରେ ଅଭିଯୁକ୍ତ ଚନ୍ଦନ ତାଙ୍କୁ ନିକଟସ୍ଥ ହାଟକୁ ବୁଲାଇବାକୁ ନେଇଯାଇଥିଲେ। ସେଠାରୁ ନାବାଳିକାଙ୍କୁ ଚକଲେଟ ଦେଇ ବାଲେଶ୍ୱର ଜିଲା ରୂପ୍‌ସାସ୍ଥିତ ସମ୍ପର୍କୀୟଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଖୋଜାଖୋଜି କରି ପାଇବା ପରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୧୮/୧୮) ରୁଜୁକରି ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟଚାଲାଣ କରିଥିଲା। ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଖେଳପଡ଼ିଆରେ ହଷ୍ଟେଲ ନିର୍ମାଣକୁ କଂଗ୍ରେସର ବିରୋଧ



ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୨୮।୧୧(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ପୌରପାଳିକାର ୧୯ ନମ୍ବର ୱାର୍ଡରେ ଥିବା ଖେଳପଡ଼ିଆରେ ହଷ୍ଟେଲ ଗୃହ ନିର୍ମାଣ ହେବାକୁ ଥିବାବେଳେ ଭଦ୍ରକ ଟାଉନ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଭଦ୍ରକ ବିଧାନସଭା କ୍ଷେତ୍ର ଦଳୀୟ ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ୧୯ ଓ ୧୪ ନଂ. ୱାର୍ଡରେ ଥିବା ଟ୍ରେନିଂ ସ୍କୁଲ ପଡ଼ିଆ ନାମରେ ପରିଚିତ ଏହି ପଡ଼ିଆକୁ ସ୍ଥାନୀୟ ଅଧିବାସୀ ଖେଳପଡ଼ିଆ ଭାବେ ବ୍ୟବହାର କରିଆସୁଛନ୍ତି। ଏହି ପଡ଼ିଆରେ ସଂଖ୍ୟାଲଘୁ ଶ୍ରେଣୀ ପକ୍ଷରୁ ତାଜିଆ, ଜୁଲୁସ୍ ଆଦି ରଖାଯାଇଥାଏ। ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ମଧ୍ୟ ଏହି ପଡ଼ିଆରେ ହୋଇଥାଏ। ଜିଲା ପ୍ରଶାସନ ପକ୍ଷରୁ ଏହି ପଡ଼ିଆରେ ହଷ୍ଟେଲ ଗୃହ ନିର୍ମାଣ ପାଇଁ ଟେଣ୍ଡର କରାଯାଇଛି।

ପ୍ରକାଶ ଯେ, ଉକ୍ତ ପଡ଼ିଆର ଉନ୍ନତୀକରଣ ପାଇଁ ଜିଲା ଶିକ୍ଷାଧିକାରୀଙ୍କ ଅନୁରୋଧକ୍ରମେ ପୌରପାଳିକା ପାଇଁ ୧୧ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର କରାଯାଇଛି। ଟାଉନ କଂଗ୍ରେସ ଏହାକୁ ସମର୍ଥନ କରୁଥିବା ବେଳେ ହଷ୍ଟେଲ ନିର୍ମାଣକୁ ବିରୋଧ କରି ଦାବିପତ୍ର ପ୍ରଦାନ କରିଛି। ଉକ୍ତ ହଷ୍ଟେଲ ଅନ୍ୟତ୍ର ସରକାରୀ ଜାଗାରେ ନିର୍ମାଣ କରାଗଲେ କଂଗ୍ରେସ ଏହାକୁ ସ୍ୱାଗତ କରିବ ବୋଲି କୁହାଯାଇଛି। ଅବଦୁଲ ମୁକିତ୍ ଖାଁ, ଅସ୍‌ରଫ୍ ଅଲୀ ଖାଁ, ଦେବେନ୍ଦ୍ର କୁମାର ମହାନ୍ତି, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ତନ୍‌ଭିର ଖାନ୍, ଏନାମୁଲ ହକ୍, ସେକ୍ ସୋହେଲ କାଦ୍ରୀ, ଜାହିଦ୍ ସାହା, ପୁଷ୍ପରାଜ ଲାହା, ସେକ୍ ତବାରକ୍, ଯୁବ କଂଗ୍ରେସ ସଭାପତି ହେମନ୍ତ ମହାପାତ୍ର, ରଞ୍ଜନ ଜେନା, ଟୋନି ଅଲୀ, ମତଲୁବ୍ ଖାଁ, ରାଜୁ ରାୟ, ସେକ୍ ସିରାଜୁଦ୍ଦିନ, ମୀର୍ଜା ଏକ୍‌ରାମ, କୃଷ୍ଣଚନ୍ଦ୍ର ବେହେରା, ମୀର ସବିର, ସେକ୍ ନୁର ମହମ୍ମଦ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ‘ନିଜ କବିତା ପରି ସରଳ, ଭାବପୂର୍ଣ୍ଣ ଥିଲେ ନୀଳମଣି’

ତିହିଡ଼ି,୨୮।୧୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ଗ୍ରାମର କବି ସ୍ୱର୍ଗତ ନୀଳମଣି ପ୍ରଧାନଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କବି ଦୀନବନ୍ଧୁ ପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ନିଜ କବିତା ପରି ନୀଳମଣି ସରଳ ଓ ଭାବପୂର୍ଣ୍ଣ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପଣ୍ଡିତ ଦୈତାରୀ ମହାପାତ୍ର, ଇଂ. ଅଭୟ ସୂତାର, ପ୍ରବଚିକା ବିଶ୍ୱମୈତ୍ରୀ ନାୟକ ଓ କବି ରବିକୁମାର ମହାନ୍ତି ଯୋଗଦେଇ ନୀଳମଣିଙ୍କ କାବ୍ୟ ଦିଗନ୍ତ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ଯାମିନୀ ମୋହନ ପାଢ଼ୀ, ସନାତନ ସାହୁ, କବି ପି. ହୃଷିକେଶ, ରମେଶ ସ୍ୱାଇଁ, ଦମୟନ୍ତୀ ଭୋଇ, କଳ୍ପତରୁ ସେଠୀ, କୈଳାସ ବେହେରା, ନୀଳମାଧବ ସେନାପତି, ରତିକାନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସୁଜିତ ପ୍ରଧାନ, ନିରଞ୍ଜନ ବାରିକ, ସୌମିତ୍ରୀ ପ୍ରଧାନ, ସୋମନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି



ଶିବିରରେ ଜିଲାପାଳ ଓ ଅତିରିକ୍ତ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

ନୀଳଗିରି, ୨୮।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଅତିରିକ୍ତ ଏସ୍‌ପି ଅନୀଲ କୁମାର ପ୍ରଧାନ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଅଭିଯୋଗ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଜଙ୍ଗଲଜମି ପଟ୍ଟା, ଡ୍ରେନେଜ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ଆଇନଶୃଙ୍ଖଳା ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ମୋଟ ୮୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ଉକ୍ତ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ନୀଳଗିରି ଉପଜିଲାପାଳ ମନ୍ଦରଧର ମାହାଳିକ, ତହସିଲଦାର ଦିପ୍ତୀମୟୀ ବେହେରା, ବିଡିଓ ରାହୁଲ ମଣ୍ଡଳଙ୍କ ସମେତ ଜିଲା ଏବଂ ଉପଖଣ୍ଡର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ଉନ୍ନୟନମୂଳକ ପ୍ରକଳ୍ପ ଶିଳାନ୍ୟାସ କଲେ ଏମ୍‌ପି



ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ଉନ୍ନୟନମୂଳକ ପ୍ରକଳ୍ପ ଶିଳାନ୍ୟାସ କରାଯାଉଛି।

ରାଇବଣିଆ(ନବୀନ ସାହୁ)/ଜଳେଶ୍ୱର (ରବିନାରାୟଣ ପାତ୍ର), ୨୮।୧୧

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର ଜଳେଶ୍ୱର ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଜଳେଶ୍ୱର ବ୍ଲକ ଗୋପୀମୋହନପୁର ପଞ୍ଚାୟତ କଲ୍ୟାଣପୁର ଉ.ପ୍ରା. ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ, ମହମ୍ମଦନଗର ପାଟଣା ପଞ୍ଚାୟତର ପାଟଣା ଗାଁ ପୋଖରୀରେ ଗାର୍ଡ୍‌ୱାଲ, ନାମ୍ପୋ ପଞ୍ଚାୟତ ତିଳପଟ୍ଟା ଗାଁ ପୋଖରୀରେ ଗାର୍ଡ୍‌ୱାଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଭାଜପା ନଗର ସଭାପତି ତଥା ଏମ୍‌ପିଙ୍କ ପୌରପ୍ରତିନିଧି ଫାଲ୍‌ଗୁନୀ ପାଣିଗ୍ରାହୀ, ଜିଲା ଉପସଭାପତି ପ୍ରବୀର ପ୍ରଧାନ, ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉଳ, ସଦସ୍ୟ ସସ୍ମିତା ପରିଡ଼ା, ସଂଗ୍ରାମ ପରିଡ଼ା, ହରିପଦ ମାନ୍ନା, ରାଧାଶ୍ୟାମ ସାହୁ, ଜଗଦୀଶ ପ୍ରଧାନ, ବିଜୟ ଜେନା, ବିଶ୍ୱରଞ୍ଜନ ଦାସ, ସଦାଶିବ ଦାସ, ତନ୍ମୟ ଚନ୍ଦ, ନବକୁମାର ଜେନା, ଶଙ୍କର ମହାଳିକ, ସଚ୍ଚିଦାନନ୍ଦ ଦାସ, ସଦାଶିବ ଦାସ, ଅରୁଣ ରାଉଳ, ବିମଳ ଭୂୟାଁ, ସୁଶୀଲ ପରିଡ଼ା, ସୁନୀତା ପ୍ରଧାନ, ସତ୍ୟ ଗୋପାଳ କର, ମାଧବ ଚନ୍ଦ୍ର ଦତ୍ତ, ଅକ୍ଷୟ ମାୟାଧର ଦାସ, ମୁନା ମାଝି, ସାଗର ଦାସ, ଗଜେନ୍ଦ୍ର ଖମାରୀଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କ ଦାବିକୁ ପ୍ରାଧାନ୍ୟ ଦେଇ ଏମ୍‌ପି ତାଙ୍କ ପାଣ୍ଠିରୁ ଅନୁଦାନ ପ୍ରଦାନ କରିଥିବାରୁ ଲୋକେ ଏମ୍‌ପିଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ଲକ୍ଷ୍ମୀ ବସ୍ ଯୋଜନାରେ ଷ୍ଟପେଜ ନିର୍ମାଣ ଆରମ୍ଭ

ଧାମନଗର, ୨୮।୧୧ (ସନ୍ତୋଷ କୁମାର ମହାପାତ୍ର)

ଓଡ଼ିଶା ସରକାରଙ୍କ ଲକ୍ଷ୍ମୀ ଯୋଜନାରେ ଧାମନଗର ବ୍ଲକରେ ୩୭ଟି ବସ୍ ଷ୍ଟପେଜ ସ୍ଥାନ ଚିହ୍ନଟ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତି ବସ୍ ଷ୍ଟପେଜ ଓ ସୌନ୍ଦର୍ଯ୍ୟକରଣ ଲାଗି ୫ ଲକ୍ଷ ୩୨ ହଜାର ୬୦୦ ଟଙ୍କା ଅନୁଦାନ ମିଳିଛି। ଆସନ୍ତା ଡିସେମ୍ବର ୧୫ ସୁଦ୍ଧା ବସ୍ ଷ୍ଟପେଜଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି ବ୍ଲକର ୩୧ଟି ପଞ୍ଚାୟତ ମଧ୍ୟରୁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କିମ୍ବା ଆବଶ୍ୟକ ସ୍ଥଳେ ଦୁଇଟି ଓ ଏନ୍‌ଏସି ସହ ମିଶି ମୋଟ ୩୭ଟି ଷ୍ଟପେଜ ନିର୍ମାଣ ପାଇଁ ଅନୁମତି ମିଳିଛି। କେତେକ ପଞ୍ଚାୟତରେ ସ୍ଥାନ ଚିହ୍ନଟ ପ୍ରକ୍ରିୟାରେ ବ୍ୟତିକ୍ରମ ଯୋଗୁ କାର୍ଯ୍ୟର ଅଗ୍ରଗତି ହୋଇପାରୁ ନାହିଁ। ସାଧାରଣ ଲୋକଙ୍କ କହିବା ଅନୁଯାୟୀ କିଛି ପଞ୍ଚାୟତରେ ଏଭଳି କି ଯେଉଁ ସ୍ଥାନରେ ଏହି ବସ୍ ଷ୍ଟପେଜ କରାଯାଉଛି, ଯଦି ସେଠାରୁ ବସ୍ ଗାଁ ଭିତରକୁ ନ ଯାଇ ସିଧା ସହରକୁ ଯାତାୟାତ କରେ ତାହେଲେ ପୂର୍ବଭଳି ଅବସ୍ଥା ହେବାର ଆଶଙ୍କା ରହିଛି।

## ଉପଜିଲାପାଳଙ୍କ ଅଫିସ ଘେରିବ ଭାଜପା

**ଧାନମଣ୍ଡି ଖୋଲିବା ଦାବି**

କେନ୍ଦୁଝର,୨୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଧାନମଣ୍ଡି ତୁରନ୍ତ ଖୋଲିବା, ମଣ୍ଡିରେ ମିଲରମାନଙ୍କର ଦାଦାଗିରି ବନ୍ଦ କରିବା, ଟୋକନ ବ୍ୟବସ୍ଥା ଉଚ୍ଛେଦ କରିବା, କଟନି ଛଟନି ବନ୍ଦ କରିବା ଓ ସବୁ ଦିନ ମଣ୍ଡି ଖୋଲିବା ପ୍ରଭୃତି ୫ ଦଫା ଦାବି ନେଇ ଭାଜପା କୃଷକ ମୋର୍ଚ୍ଚା ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ କେନ୍ଦୁଝରଗଡ଼ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଚେତାବନୀ ଦେଇଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ମଧ୍ୟ କରାଯିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଅମଳ ହୋଇଥିଲେ ମଧ୍ୟ ଧାନ କିଣାରେ ବିଳମ୍ବ ହେଉଥିବାରୁ ଚାଷୀମାନେ ଧାନ ସାଇତି ରଖିବା ଓ ବିକ୍ରି କରିବାରେ ନାନା ସମସ୍ୟା ଭୋଗୁଛନ୍ତି। ହାତୀ ଭୟ ଓ ଲଘୁଚାପ ଜନିତ ବର୍ଷା ଯୋଗୁ କ୍ଷୟକ୍ଷତି ହେବାର ଭୟ ରହିଛି। ଫଳରେ ଚାଷୀମାନେ କମ୍ ଦାମ୍‌ରେ ବେପାରୀଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଜିଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ କହିଛନ୍ତି।

## କଂକ୍ରିଟ ରାସ୍ତା ପାଇଁ ଭୂମିପୂଜନ

ଚମ୍ପୁଆ, ୨୮।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଜାଳି ପଞ୍ଚାୟତ ଅନ୍ତର୍ଗତ ବର୍ଦ୍ଧନା ବଳସାହି ରାସ୍ତାର କଂକ୍ରିଟକରଣ ପାଇଁ ମଙ୍ଗଳବାର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ମହିଳା ସଭାନେତ୍ରୀ ରମଣୀ ନାଏକ ଭୂମିପୂଜନ କରିଥିଲେ। ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଚମ୍ପୁଆ ପଞ୍ଚାୟତ ସମିତି ଉପରେ ନ୍ୟସ୍ତ କରାଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ପଞ୍ଚାୟତର ଅଧିବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ଭୂମିପୂଜନ ଉତ୍ସବରେ ଗ୍ରାମର ଭଦ୍ର ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ପରିବାରରେ ଖେଳିଲା ଖୁସି

**ଉତ୍ତରାଖଣ୍ଡ ଟନେଲରୁ ଶ୍ରମିକ ଉଦ୍ଧାର ଘଟଣା**

ବାଙ୍ଗିରିପୋଷି,୨୮।୧୧(ସଞ୍ଜୟ କୁମାର ଅଗ୍ରୱାଲ)

ଉତ୍ତରାଖଣ୍ଡ ରାଜ୍ୟର ଯମୁନେତ୍ରୀ-ଉତ୍ତରାଖଣ୍ଡ ଜାତୀୟ ରାଜପଥ କାର୍ଯ୍ୟ ଚାଲିଥିବା ବେଳେ ଗତ ୧୨ ତାରିଖରେ ଟନେଲ ଭୁଶୁଡ଼ି ଫସି ରହିଥିବା ଶ୍ରମିକମାନଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୟୂରଭଞ୍ଜ ଜିଲାର ୩ ଶ୍ରମିକ ଏହି ଟନେଲରୁ ଉଦ୍ଧାର ହେବା ଖବର ମିଳିବା ପରେ ସେମାନଙ୍କ ପରିବାରେ ଖୁସିର ଲହରି ଖେଳିଯାଇଛି। ଏନେଇ ଜିଲାବାସୀ ଖୁସିବ୍ୟକ୍ତ କରିଛନ୍ତି। ବାଙ୍ଗିରିପୋଷି ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ବେଡ଼ାକୁଦର ଗ୍ରାମର ଧୀରେନ ନାଏକ(୩୫) ଓ ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ(୩୮), ତିରିଙ୍ଗ ବ୍ଲକ ଅଞ୍ଚଳର ରାଜୁ ନାଏକ(୨୫) ୧୭ ଦିନ ହେଲା ଟନେଲ ମଧ୍ୟରେ ଫସି ରହିଥିଲେ। ବିଶ୍ୱେଶ୍ୱରଙ୍କ ଭାଇ ବିମଳ ଓ ଧୀରେନଙ୍କ ବଡ଼ଭାଇ ଚିତ୍ତରଞ୍ଜନଙ୍କୁ ଓଡ଼ିଶା ଶ୍ରମବିଭାଗ ସହାୟତାରେ ଘଟଣାସ୍ଥଳକୁ ନିଆଯାଇଛି। ଫସି ରହିଥିବା ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପରିବାର ଏବଂ ସମ୍ପର୍କୀୟମାନେ ବିଭିନ୍ନ ମଠ ଓ ମନ୍ଦିରରେ ପୂଜାର୍ଚ୍ଚନା କରି ଆସୁଥିଲେ। ବିଶ୍ୱେଶ୍ୱରଙ୍କ ସ୍ତ୍ରୀ ସୁକାନ୍ତି, ଧୀରେନଙ୍କ ମା’ ମନ୍ଦୋଦରୀ ଓ ସ୍ତ୍ରୀ ଫୁଲେଶ୍ୱରୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ବିଶ୍ୱେଶ୍ୱରଙ୍କ ଫେରିବା ବାଟକୁ ଚାହିଁ ରହିଥିବା ପରିବାର ଲୋକେ।

# ନିଃସ୍ୱାର୍ଥପର ଭାବେ ଦେଶସେବା କରିବାକୁ ଆହ୍ୱାନ

ଭୋଗରାଇ, ୨୮।୧୧(ପ୍ରଦୀପ ଦାସ)

ସବୁଠି ଶିକ୍ଷା ବ୍ୟବସ୍ଥାରେ ୫-ଟିଙ୍କ କାର୍ଯ୍ୟରେ ସୁନ୍ଦର ଆକର୍ଷଣୀୟ ଚେହେରା। ସ୍କୁଲ ବିଲ୍ଡିଂ ହେଉ କିମ୍ବା ଛାତ୍ରୀଛାତ୍ରଙ୍କ ପ୍ରଯୁକ୍ତି ବିଦ୍ୟାର ସ୍ମାର୍ଟକ୍ଲାସ ହେଉ, ବାହାରୁ ଦିଶୁଛି ଶିକ୍ଷା ଆୟତନର ଚାକଚକ୍ୟ। ହେଲେ ଶିକ୍ଷା ବ୍ୟବସ୍ଥା ଭିତରେ ଦୁର୍ଦ୍ଦଶାଗ୍ରସ୍ତ। କେଉଁଠି ସ୍କୁଲରେ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ରହିଥିବା ବେଳେ ଖେଳଶିକ୍ଷକ ପଢ଼ାଉଛନ୍ତି ବିଜ୍ଞାନ ଓ ଗଣିତ। ଶିକ୍ଷୟିତ୍ରୀ ଶିକ୍ଷକମାନେ ବେଠି ଖଟିବା ଭଳି ଖଟୁଛନ୍ତି। ଏହି ଶିକ୍ଷା ବ୍ୟବସ୍ଥା ଆଟଲାଣ୍ଟିକ ମହାସାଗରରେ ବୁଡ଼ିଯାଉଥିବା ବିଶାଳକାୟ ଟାଇଟନିକ ଜାହାଜ ସଦୃଶ୍ୟ ଭଳି ରାଜ୍ୟ ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟ ସଭାପତି ତଥା ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ମିଶ୍ର ସୋମବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଶିକ୍ଷାନୁଷ୍ଠାନ ପ୍ରସନ୍ନ କୁମାର ଏକାଡ଼େମୀ, ଝାଟିବଣୀ ରଜତ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ଅବସରପ୍ରାପ୍ତ ଶିକ୍ଷକନେତା ତଥା କବି ସନ୍ତୋଷ କୁମାର ପାତ୍ରଙ୍କ ପୌରୋହିତ୍ୟରେ ପରିଚାଳିତ ଉତ୍ସବରେ ମଙ୍ଗଳା ଚରଣ ପାଠ କରିଥିଲେ ଶିକ୍ଷକ ଦେବଶଙ୍କର ଦାଶ। ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଦାସ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜେଡି ରାଜ୍ୟ ମୁଖପାତ୍ର ତଥା ଗାଳ୍ପିକ ଗୌତମବୁଦ୍ଧ ଦାସ ଆଜିର ଛାତ୍ରୀଛାତ୍ର ନିଃସ୍ୱାର୍ଥପର ଭାବେ ଦେଶସେବା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରଆଇଏଚ୍‌ଏସ୍ ମହାବିଦ୍ୟାଳୟ ଅଧ୍ୟକ୍ଷ କେଦାର ସିଂ ଦାସ, ଓଷ୍ଟାର ଶିକ୍ଷକ ନେତା ନଟରଞ୍ଜ ଘରାଇ, ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷ, ସ୍କୁଲ ପରିଚାଳନା କମିଟି ପୂର୍ବତନ ସଭାପତି ଦିବାକର ବେହେରା, ସମ୍ପାଦକ ବ୍ରଜଗୋପାଳ ଦାସଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ‘ସୁଖ ସାତପର ଦୁଃଖ ନିଜର’ ନାଟକ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ୩ଦିନ ବ୍ୟାପୀ ଏହି ଉତ୍ସବରେ ପିଟିଏ କମିଟି ସଭାପତି ଦୋଳଗୋବିନ୍ଦ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ କମିଟିର ସଦସ୍ୟ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଗଣ।

